## ଓମ୍‌ଫେଡ୍ କ୍ଷୀର ପ୍ୟାକେଟ ମାଧ୍ୟମରେ ଭୋଟର ସଚେତନତା:
## ଭୁବନେଶ୍ୱରରେ ମତଦାନ ହାର ବଢ଼ାଇବା ପାଇଁ ସ୍ୱତନ୍ତ୍ର ପ୍ରୟାସ

ଭୁବନେଶ୍ୱର,୦୧/୦୫/୨୦୨୪:

ଆସନ୍ତା ମଇ ୨୫ ତାରିଖରେ ରାଜଧାନୀ ଭୁବନେଶ୍ୱରରେ ହେବ ମତଦାନ । ଐତିହାସିକ ଭାବେ ସହରାଞ୍ଚଳରେ ଗ୍ରାମାଞ୍ଚଳ ଅପେକ୍ଷା ମତଦାନ ହାର କମ ରହିଆସିଛି । ସେହି 'ଅର୍ବାନ୍ ଆପାଥି'କୁ ପ୍ରତିହତ କରି ରାଜଧାନୀରେ ମଧ୍ଯ ଯେପରି ସମସ୍ତ ନାଗରିକ ମତଦାନ କରିବେ ସେଥି ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଅନେକ ଅଭିନବ ପ୍ରୟାସ କରାଯାଉଛି । ସେହି କ୍ରମରେ ଆଜି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନିକୁଞ୍ଜ ବିହାରୀ ଧଳ 'ମତଦାନ ସଚେତନତା ବାର୍ତ୍ତାଯୁକ୍ତ ଓମ୍‌ଫେଡ୍ କ୍ଷୀର ପ୍ୟାକେଟ୍'ର ଉନ୍ମୋଚନ କରିଥିଲେ । ଏହି ଓମ୍‌ଫେଡ୍ କ୍ଷୀର ପ୍ୟାକେଟ୍‌ରେ ଭୋଟର ସଚେତନତା ପାଇଁ 'ମଇ ୨୫, ୨୦୨୪ରେ ମତଦାନ ପାଇଁ ଭୁଲନ୍ତୁ ନାହିଁ' (Don't Forget to Vote on 25th May 2024) ମୁଦ୍ରିତ କରାଯାଇଅଛି । ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଓମ୍‌ଫେଡ୍ ବୁଥ୍‌ରେ ଏହି ସଚେତନତା ବାର୍ତ୍ତାଯୁକ୍ତ କ୍ଷୀର ପ୍ୟାକେଟ୍ ବିକ୍ରି ହେବ ଓ ଏହା ଦ୍ୱାରା ସମଗ୍ର ଜିଲ୍ଲାରେ ଭୋଟର ସଚେତନତା ସୃଷ୍ଟି ହୋଇପାରିବ ।

ଏହି କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ ଜଣାଇ ଓମ୍‌ଫେଡ୍‌ର ଏମ୍‌ଡି ଶ୍ରୀ ବିଜୟ ଅମୃତ କୁଲାଙ୍ଗେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପ୍ରତି ସ୍ୱତନ୍ତ୍ର କୃତଜ୍ଞତା ଜଣାଇଥିଲେ । ଗଣତନ୍ତ୍ରର ଏହି ମହାପର୍ବରେ ଭୋଟର ସଚେତନତା ସୃଷ୍ଟି ପାଇଁ ଓମ୍‌ଫେଡ୍‌କୁ ଏକ ସହଭାଗୀ ରୂପେ ସୁଯୋଗ ଦେଇଥିବାରୁ ସେ ଓମ୍‌ଫେଡ୍ ପରିବାର ତରଫରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଓମ୍‌ଫେଡ୍ ଦୁଗ୍ଧ ଜାତୀୟ ଦ୍ରବ୍ୟ ଉତ୍ପାଦନ ଓ ଯୋଗାଣ କରି ଜନସାଧାରଣଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଇ ଆସୁଛି । ଏବେ କ୍ଷୀର ପ୍ୟାକେଟ୍ ମାଧ୍ୟମରେ ସମଗ୍ର ଖୋର୍ଦ୍ଧା ଜିଲ୍ଲାରେ ମତଦାନ ସଂକ୍ରାନ୍ତୀୟ ସଚେତନତା ବାର୍ତ୍ତା ସୃଷ୍ଟି କରି ଦେଶର ଗଣତନ୍ତ୍ରର ସ୍ୱାସ୍ଥ୍ୟକୁ ପରିପୁଷ୍ଟ କରିବାର ସୁଯୋଗ ଓମ୍‌ଫେଡ୍ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ବୋଲି କହିଥିଲେ ଏବଂ ମଇ ୨୫ ତାରିଖରେ ମତଦାନ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାବାସୀଙ୍କୁ ଉତ୍ସାହିତ କରିଥିଲେ ।

ଏହି ଅବସରରେ ନିଜର ସ୍ୱତନ୍ତ୍ର ବକ୍ତବ୍ୟ ରଖି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ନିକୁଞ୍ଜ ବିହାରୀ ଧଳ କ୍ଷୀର ପ୍ୟାକେଟ୍ ମାଧ୍ୟମରେ ଭୋଟର ସଚେତନତା ବାର୍ତ୍ତା ପାଇଁ ଓମ୍‌ଫେଡ୍‌କୁ ସାଧୁବାଦ ଜଣାଇଥିଲେ । ନିଜର ମତ ରଖି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ କହିଥିଲେ ଯେ ବିଗତ ନିର୍ବାଚନରେ ଜାତୀୟ ମତଦାନ ହାରଠୁ ଓଡ଼ିଶାର ମତଦାନ ହାର ଅଧିକ ରହିଥିଲା । ମାତ୍ର ଭୁବନେଶ୍ୱର ଅନ୍ତର୍ଗତ ତିନି ନିର୍ବାଚନ ମଣ୍ଡଳୀରେ ମତଦାନ ହାର ରାଜ୍ୟ ମତଦାନ ହାରଠୁ କମ ରହିବା ସହିତ ୫୦ ପ୍ରତିଶତରୁ କମ୍ ରହିଥିଲା । ଏହାକୁ ପ୍ରତିହତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଅଛି । ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତ ବର୍ଗର ଭୋଟରଙ୍କୁ ମତଦାତା ତାଲିକାରେ ସାମିଲ କରିବା ପାଇଁ ସ୍ୱତନ୍ତ୍ର ଉଦ୍ୟମ କରାଯାଇଥିଲା । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ 'ମୁଁ ବି ମିତା' କ୍ୟାମ୍ପେନ୍ ଆରମ୍ଭ କରାଯାଇ ଶତପ୍ରତିଶତ ଯୁବ ଭୋଟରଙ୍କୁ ମତଦାତା ତାଲିକାରେ ସାମିଲ କରିବା ପାଇଁ ପାର୍କ, ମଲ ଆଦି ସମସ୍ତ ସ୍ଥାନରେ ଭୋଟର ସଚେତନତା ସୃଷ୍ଟି କରାଯାଇଥିଲା । ଯେଉଁଠି ମହିଳା ମତଦାନ ହାର କମ ରହିଛି, ସେହି ଅଞ୍ଚଳ ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିଲା । ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସଫଳ ଉଦ୍ୟମ ଦ୍ୱାରା ସବୁ ବର୍ଗ ଓ ଅଞ୍ଚଳର ନାଗରିକମାନଙ୍କୁ ମତଦାତା ତାଲିକାରେ ସାମିଲ କରାଯାଇପାରିଛି । ବର୍ତ୍ତମାନର ମୁଖ୍ୟ ପ୍ରଚେଷ୍ଟା ରହିଛି ଯେପରି ଉକ୍ତ ସମସ୍ତ ବ୍ୟକ୍ତି ମଇ ୨୫ ତାରିଖରେ ମତଦାନ କେନ୍ଦ୍ରକୁ ଆସି ମତଦାନ କରିବେ । ସେଥି ପାଇଁ ଭୋଟର ସଚେତନତା କାର୍ଯ୍ୟକ୍ରମରେ ସହଭାଗିତା ନିମନ୍ତେ ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଅନୁରୋଧ ମଧ୍ୟ କରାଯାଇଥିଲା । ସେହି କ୍ରମରେ ଓମ୍‌ଫେଡ୍ ଆଗେଇ ଆସି କ୍ଷୀର ପ୍ୟାକେଟ୍ ମାଧ୍ୟମରେ ମତଦାନ ସଂକ୍ରାନ୍ତୀୟ ସଚେତନତା ସୃଷ୍ଟି କରୁଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀ ସାଧୁବାଦ ଜଣାଇଥିଲେ । ଜିଲ୍ଲା ନିର୍ବାଚନ ଅଧିକାରୀ, ଖୋର୍ଦ୍ଧା ଓ ବିଏମ୍‌ସି ମଧ୍ୟ ୱାକାଥନ୍, ମିନି ମାରାଥନ ଆଦି କାର୍ଯ୍ୟକ୍ରମ

ମାଧ୍ୟମରେ ଭୋଟର ସଚେତନତା ସୃଷ୍ଟି କରୁଛନ୍ତି । ଏଣୁ ଏକ ସାମୂହିକ ସହଭାଗିତା ମାଧ୍ୟମରେ ଖୋର୍ଦ୍ଧା ଜିଲ୍ଲା ତଥା ଭୁବନେଶ୍ୱରରେ ମତଦାନ ହାର ବୃଦ୍ଧି ପାଇଁ ସମସ୍ତ ପଦକ୍ଷେପକୁ ଶ୍ରୀ ଧଳ ପ୍ରଶଂସା କରିଥିଲେ । ଏହି ଅବସରରେ ମତଦାନ କେନ୍ଦ୍ରକୁ ଆସି ମତଦାନ କରି ଭାରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଶ୍ରୀ ଧଳ ମତଦାତାମାନଙ୍କୁ ଅନୁରୋଧ କରିଥିଲେ ଓ ଓମ୍‌ଫେଡ୍‌ର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ 'ମଇ ଦିବସ'ର ଶୁଭେଚ୍ଛା ଜଣାଇଥିଲେ ।

ଆଜିର ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ତିରୁମାଲା ନାୟକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଶତ୍ରୁଘ୍ନ କର, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଓମ୍‌ଫେଡ୍‌ର ସମସ୍ତ ବରିଷ୍ଠ ଅଧିକାରୀ ଅଂଶଗ୍ରହଣ କରିଥିଲେ ।

ବିନାୟକ ମିଶ୍ର
ଲୋକସମ୍ପର୍କ ଅଧିକାରୀ